# NATIONAL NEWS BULLETIN (ODIA)

## 26 November- 2026

## Morning Bulletin : 7.15 a.m.

**********

## ମୁଖ୍ୟ ସମ୍ବାଦ

- ୫୫ତମ ପ୍ରଗତି ବୈଠକରେ ଅଧ୍ୟକ୍ଷତା କରି ସଡ଼କ, ଶକ୍ତି, କୋଇଲା ଓ ରେଳବାଇ କ୍ଷେତ୍ରର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ ।
- ବର୍ତ୍ତମାନର ଭୋଟର ତାଲିକାର ତ୍ରୁଟିକୁ ଦେଶରେ ଜାରି ରହିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ମାଧ୍ୟମରେ ସମାଧାନ କରିବା ଲାଗି ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ।
- ଭାରତ ଓ ଚୀନ୍ ମଧ୍ୟରେ ନିୟମିତ କୂଟନୈତିକ ଓ ସାମରିକ ସ୍ତରୀୟ କଥାବାର୍ତ୍ତା ଜାରି ରହିଛି - ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ।

ଏବଂ

- ଦେଶବ୍ୟାପୀ ଆଜି ପାଳନ କରାଯାଉଛି ସମ୍ବିଧାନ ଦିବସ ।

# ପିଏମ୍-ପ୍ରଗତି ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ୫୫ତମ ପ୍ରଗତି ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ପ୍ରଶାସନକୁ ଅଧିକ ସକ୍ରିୟ କରିବା ସହିତ ସମୟୋଚିତ କାର୍ଯ୍ୟାନ୍ୱୟନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ବୈଠକରେ ଗତକାଲି ୫ଟି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି । ସଡ଼କ, ଶକ୍ତି, କୋଇଲା ଏବଂ ରେଳବାଇ କ୍ଷେତ୍ରର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଲାଗି ୭୮ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ହୋଇଛି । ଏହି ପ୍ରକଳ୍ପ ଗୁଡ଼ିକର ନିର୍ମାଣରେ ଉଚ୍ଚ ଗୁଣବତ୍ତା ବଜାୟ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପନ୍ନ କରିବା ଲାଗି ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସଡ଼କ ପ୍ରକଳ୍ପର ସମୀକ୍ଷା କରି ପ୍ରଧାନମନ୍ତ୍ରୀ ତ୍ୱରିତ କାର୍ଯ୍ୟାନ୍ୱୟନ ସହିତ ବ୍ୟୟ ଅପେକ୍ଷା ଏହାର ସୁଫଳ ଯେଭଳି ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ସେ ଦିଗରେ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି । ସେହିଭଳି କୋଇଲା ପ୍ରକଳ୍ପର ସମୀକ୍ଷା କରି ଶ୍ରୀ ମୋଦୀ ସମୟୋଚିତ ପଦକ୍ଷେପ ସହିତ ପୁନଃଥଇଥାନ କାର୍ଯ୍ୟକୁ ସମ୍ମାନର ସହ ସମ୍ପନ୍ନ କରିବା ଉପରେ ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି ।

# ଇସିଆଇ-ଷ୍ଟେଟ୍ସ

ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜାରି ରହିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମୟରେ ବର୍ତ୍ତମାନର ଭୋଟର ତାଲିକାରେ ଯଦି କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ଚିହ୍ନଟ କରି ଉପଯୁକ୍ତ ସଂଶୋଧନ କରିବା ଲାଗି ନିର୍ବାଚନ ଆୟୋଗ ଦେଶର ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଏକ ପତ୍ର ଲେଖି ଆୟୋଗ’ ବର୍ତ୍ତମାନର ତାଲିକାରେ ଯଦି କୌଣସି ମତଦାତାଙ୍କର ନାମ ବା ଜନ୍ମ ତାରିଖ ଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟରେ ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ଯାଞ୍ଚକରି ସଂଶୋଧନ କରାଇବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି । ଏଥିଲାଗି ବୁଥ୍ସ୍ତରୀୟ ଅଧିକାରୀମାନେ ସଂପୃକ୍ତ ମତଦାତାଙ୍କ ନିକଟକୁ ଯାଇ ଆବଶ୍ୟକସ୍ଥଳେ ଫର୍ମ-୮ ପୂରଣ କରିବାକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି । ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ କିମ୍ବା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଏହି ତଥ୍ୟଗୁଡ଼ିକୁ ଯାଞ୍ଚ କରିବା ପରେ ଆବେଦନଗୁଡ଼ିକୁ ନିର୍ଦ୍ଧାରିତ ପ୍ରକ୍ରିୟା ମାଧ୍ୟମରେ ସଂପୂର୍ଣ୍ଣ କରିବାକୁ ଆୟୋଗ କହିଛନ୍ତି ।

## ଇଣ୍ଡିଆ-ନେଦରଲ୍ୟାଣ୍ଡସ ଟକ୍

ଭାରତ ଓ ନେଦରଲ୍ୟାଣ୍ଡସ ଆପୋଷ ସାମୁଦ୍ରିକ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ଗତକାଲି 'ଦ ହେଗ୍'ଠାରେଦ୍ୱିପକ୍ଷୀୟ ପ୍ରତିନିଧିସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଏବଂ ନେଦରଲ୍ୟାଣ୍ଡସର ଭିତ୍ତିଭୂମି ଓ ଜଳ ପରିଚାଳନା ମନ୍ତ୍ରୀ ଭୀନ୍‌ସେଣ୍ଟ କାରେମାନ୍‌ସ ନିଜ ନିଜ ଦେଶର ପ୍ରତିନିଧିସ୍ତରୀୟ ଦଳର ନେତୃତ୍ୱ ନେଇଥିଲେ । ବିଶେଷକରି ବନ୍ଦର ଆଧୁନିକୀକରଣ, ସ୍ମାର୍ଟ ସାମୁଦ୍ରିକ ଭିତ୍ତିଭୂମି, ସବୁଜ ଜାହାଜ ଚଳାଚଳ କରିଡର, ନିରନ୍ତର ତୈଳ ଯୋଗାଣ ଏବଂ ଜଳପଥ ଓ ଜାହାଜ ନିର୍ମାଣ ଆଦି ପ୍ରସଙ୍ଗ ଉପରେ ଏହି ଆଲୋଚନା ସମୟରେ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଭାରତୀୟ ଦୂତାବାସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ସାମୁଦ୍ରିକ ଇଞ୍ଜିନିୟରିଂ କ୍ଷେତ୍ରରେ ନେଦରଲ୍ୟାଣ୍ଡସର ଅଭିଜ୍ଞତା ସହିତ ସାମୁଦ୍ରିକ ଅମୃତକାଳ ଦୃଷ୍ଟିକୋଣ ୨୦୪୭ ଅଧୀନରେ ଭାରତର ବନ୍ଦର ନେତୃତ୍ୱ ଅଭିବୃଦ୍ଧି ଯୋଜନାର ସଫଳ କାର୍ଯ୍ୟକାରୀତା ଲାଗି ଏହି ବୈଠକ ଆୟୋଜିତ ହୋଇଯାଇଛି ।

## ଜେ.ଇ.ଇ. ମେନ୍

ଜେ.ଇ.ଇ. ମେନ୍ ପରୀକ୍ଷାର ପ୍ରଥମ ସେସନ୍ ଲାଗି ପଞ୍ଜୀକରଣ କରିବା ନିମନ୍ତେ ଆଜି ହେଉଛି ବିଳମ୍ବଜନିତ ଦେୟ ସହିତ ଶେଷ ଦିବସ ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ଏହି ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ୧୫ ଲକ୍ଷ ୭୩ ହଜାର ୧୮ ଜଣ ପଞ୍ଜିକୃତ ହୋଇସାରିଛନ୍ତି । ସେଥିମଧ୍ୟରୁ ୧୩ ଲକ୍ଷ ୯୬ ହଜାର ୭ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ସଫଳତାର ସହ ନିଜ ନିଜର ବିଳମ୍ବଜନିତ ଦେୟ ପ୍ରଦାନ କରି ସାରିଛନ୍ତି ବୋଲି ଏନ୍.ଟି.ଏ. କହିଛି ।

## ଏମ୍ଇଏ-ବିଫରିଂ

ଭାରତ ଓ ଚୀନ୍ ମଧ୍ୟରେ ନିୟମିତ କୂଟନୈତିକ ଓ ସାମରିକ ସ୍ତରୀୟ କଥାବାର୍ତ୍ତା ଜାରି ରହିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ସମ୍ପ୍ରତି ଇଷ୍ଟର୍ଣ୍ଣ ସେକ୍ଟରରେ ଦୁଇଦେଶର ବରିଷ୍ଠ ସାମରିକ କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୁଇଦେଶ ମଧ୍ୟରେ ସୀମା ପରିଚାଳନାକୁ ଅଧିକ ସୁ-ସଂହତ କରିବା ସହିତ ବାସ୍ତବ ନିୟନ୍ତ୍ରଣରେଖା ନିକଟରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାର ସମାଧାନ ଉପରେ ଏହି ବୈଠକରେ ଆଲୋଚନା କରାଯାଇଛି । ସୀମା ଅଞ୍ଚଳରେ ଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ଆଲୋଚନା କରାଯାଇଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

**V/O (RANDHIR-JAISWAL---IND-CHINA)**

ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ହିଂସାକାଣ୍ଡ ଘଟଣାରେ ନିଜ ପ୍ରତିକ୍ରିୟା ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି ଭାରତ ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ଉଦ୍‌ବେଗ ପ୍ରକାଶ କରିଛି । ଏଭଳି

ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ପ୍ରଭାବିତ ବ୍ୟକ୍ତିଙ୍କୁ ଉପଯୁକ୍ତ ନ୍ୟାୟ ଦେବା ଲାଗି ଭାରତ ପକ୍ଷରୁ ବାଂଲାଦେଶ ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ସେ କହିଛନ୍ତି ।

**V/O (RANDHIR-JAISWAL-ON-BANGLADESH)**

## କନ୍‌ଷ୍ଟୁସେସନ ଡେ

ସମ୍ବିଧାନ ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ସମ୍ବିଧାନ ସଭା ପକ୍ଷରୁ ଭାରତୀୟ ସମ୍ବିଧାନକୁ ୧୯୪୯ ମସିହାର ଆଜିର ଦିନରେ ଗ୍ରହଣ କରାଯାଇଥିଲା । ଭାରତର ସମ୍ବିଧାନ ପ୍ରସ୍ତୁତ କରିବା ଲାଗି ୨ ବର୍ଷ ୧୧ ମାସ ଓ ୧୮ ଦିନ ସମୟ ଲାଗିଥିଲା । ତେବେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଏହା କାର୍ଯ୍ୟକାରୀ କରାଯାଇଥିଲା ଏବଂ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଥିଲା । ଭାରତ ସରକାର ସମ୍ବିଧାନ ଚିଠା କମିଟିର ଅଧ୍ୟକ୍ଷ ତଥା ଭାରତୀୟ ସମ୍ବିଧାନର ଜନକ ଡକ୍ଟର ଭୀମରାଓ ଆମ୍ବେଦକରଙ୍କର ୧୨୫ତମ ଜୟନ୍ତୀ ଅବସରରେ  ୨୦୧୫ ମସିହାଠାରୁ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ରୂପେ ପାଳନ କରି ଆସୁଛନ୍ତି । ଭାରତୀୟ ସମ୍ବିଧାନରେ ନିହିତ ନୀତି ଏବଂ ମୂଲ୍ୟବୋଧକୁ ପ୍ରତିଫଳିତ କରିବା ସହିତ ଏହାର ଆଦର୍ଶ ପ୍ରତି ସାମୁହିକ ପ୍ରତିବଦ୍ଧତାକୁ ଦୋହରାଇବା ହେଉଛି ଏହି ଦିବସ ପାଳନର ମୂଲ୍ୟ ଲକ୍ଷ୍ୟ । ଏହି ଅବସରରେ ସଂସଦୀୟ

ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମାଇଁ ଗଭ୍ ପୋର୍ଟାଲ ମାଧ୍ୟମରେ ୨୩ଟି ଭାଷାରେ ସମ୍ବିଧାନର ମୁଖବନ୍ଧକୁ ଉପଲବ୍ଧ କରାଯାଇଛି । ଏହି ଅବସରରେ ଆଜି ନୂଆଦିଲ୍ଲୀଠାରେ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଡକ୍ଟର ଆମ୍ବେଦକର ଫାଉଣ୍ଡେସନ ପକ୍ଷରୁ ସମ୍ବିଧାନ ଦିବସ ପାଳନ ମୁଖ୍ୟ ସମାରୋହ ଆୟୋଜନ କରାଯାଇଛି । କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଏଥିରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ବିଭିନ୍ନ ସଭା, ସମିତି ତଥା କର୍ମଶାଳାମାନ ମଧ୍ୟ ଆୟୋଜିତ ହୋଇଛି ।

## ନ୍ୟାସନାଲ୍ ମିଲ୍କ ଡେ

ଜାତୀୟ ଦୁଗ୍ଧ ଦିବସ ଆଜି ପାଳନ କରାଯାଉଛି । ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ମନ୍ତ୍ରଣାଳୟ ପକ୍ଷରୁ ବିହାରର ପାଟନାଠାରେ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଛି ।

ଭାରତର ଶ୍ୱେତବିପ୍ଳବର ଜନକ ଡକ୍ଟର ବର୍ଗିସ କୁରିଏନ୍‌ଙ୍କ ଜୟନ୍ତୀ ପାଳନ ଅବସରରେ ପ୍ରତି ବର୍ଷ ନଭେମ୍ବର ୨୬ ତାରିଖରେ ଜାତୀୟ ଦୁଗ୍ଧ ଦିବସ ପାଳନ କରାଯାଇଥାଏ ।

ଦୁଗ୍ଧ ଚାଷୀ ଏବଂ ଏ କ୍ଷେତ୍ରର ଅଂଶିଦାରଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ବିଭିନ୍ନ ପଦକ୍ଷେପ ଏବଂ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମ ସହାୟକ ହେବ । ତିନୋଟି ବର୍ଗରେ ଜାତୀୟ ଗୋପାଳ ରତ୍ନ ପୁରସ୍କାର ପ୍ରଦାନ କରାଯିବ । ଦିବସ ପାଳନ ଅବସରରେ

ଦୁଗ୍ଧ ଭିତ୍ତିଭୂମି ବିକାଶ ଆଧାରିତ କେତେକ ପ୍ରକଳ୍ପର ଉଦ୍‌ଘାଟନ କରାଯିବାର କାର୍ଯ୍ୟସୂଚୀ ରହିଛି । ଦୁଗ୍ଧ ସମବାୟ ଏବଂ କ୍ଷୀର ଉତ୍ପାଦକ ସଂଗଠନ ଗୁଡ଼ିକର ମୂଲ୍ୟାଙ୍କନ ଓ ଗ୍ରେଡିଂ ଆଧାରିତ ମାନକ ପ୍ରକ୍ରିୟା ଏହି ଅବସରରେ କାର୍ଯ୍ୟକାରୀ କରାଯିବ । ଏଥିପାଇଁ ଏକ ଅନ୍‌ଲାଇନ୍ ପୋର୍ଟାଲ୍‌ର ଶୁଭାରମ୍ଭ ହେବ ।

ଆଜିର ଏହି ମୁଖ୍ୟ ସମାରୋହରେ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ରାଜୀବ ରଂଜନ ସିଂହ, ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବାଘେଲ, ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ପ୍ରମୁଖ ଯୋଗଦେବେ ।

## ଇଜିପ୍ଟ ଫାୟାର

ଇଜିପ୍ଟର ଗିଜା ଗଭର-ନୋରେଟ୍‌ରେ ଗତକାଲି ତୈଳବାହୀ ଏକ ଟ୍ୟାଙ୍କରରେ ନଆଁ ଲାଗିଯିବା ଯୋଗୁଁ ପ୍ରାୟ ୩୦ଜଣଙ୍କର ମୃତ୍ୟୁହେବା ସହ ଅନ୍ୟ ୨୫ଜଣ ଆହତ ହୋଇଛନ୍ତି । ଇଜିପ୍ଟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଇମ୍‌ବାବାର ୱାରାକ୍ ଜିଲ୍ଲା ଅନ୍ତର୍ଗତ କାଇରୋ ରିଙ୍ଗରୋଡ଼ଠାରେ ଏହି ଦୁର୍ଘଟଣା ଘଟିଛି । ଏଥିରେ ପ୍ରାୟ ୨୪ରୁ ଊର୍ଦ୍ଧ୍ୱ ବିଭିନ୍ନ କାର୍ ଓ ମଟରସାଇକଲ ମଧ୍ୟ ଜଳିଯାଇଥିବା ସୂଚନା ମିଳିଛି । ପ୍ରାରମ୍ଭିକ ତଦନ୍ତକୁ ଭିତ୍ତିକରି ଏହି ମୃତ୍ୟୁ ସଂଖ୍ୟା ଦିଆଯାଇଛି । ତେବେ ଏହା ବୃଦ୍ଧିପାଇବାର ଆଶଙ୍କା ରହିଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ।

# ଆଇଓଆର୍ଏ-ସିଏସ୍ଓ

ଭାରତ ମହାସାଗର ରିମ୍ସଂଘ ଆଇ.ଓ.ଆର୍.ଏ.ର ୨୫ତମ ମନ୍ତ୍ରୀ ପରିଷଦ ବୈଠକ ଆସନ୍ତାକାଲିଠାରୁ ନୂଆଦିଲ୍ଲୀଠାରେ ଆରମ୍ଭ ହେବ । ଏହି ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀ ଏକତ୍ରିତ ହୋଇ ସାମଗ୍ରୀକ ନୀତି ଏବଂ ରଣନୈତିକ କ୍ଷେତ୍ରଗୁଡ଼ିକ ଉପରେ ମତବିନିମୟ କରିବେ । ଆଇ.ଓ.ଆର୍.ଏ. ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ବୃଦ୍ଧି କରିବା ଏବଂ ବିଭିନ୍ନ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ କ୍ଷେତ୍ର ଉପରେ ମିଳିମିଶି କାର୍ଯ୍ୟ କରିବାକୁ ଏହି ବୈଠକ ଏକ ମଞ୍ଚ ପ୍ରଦାନ କରିବ ।

ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବା ପାଇଁ ମାଳଦୀପର ବୈଦେଶିକ ମନ୍ତ୍ରୀ ଇରୁଥିସାମ୍ ଆଦାମ୍ ଗତକାଲି ନୂଆଦିଲ୍ଲୀରେ ଆସି ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ କହିଛି, ତାଙ୍କର ଏହି ଗସ୍ତ ଭାରତ ମହାସାଗର କ୍ଷେତ୍ରରେ ରହିଥିବା ଦ୍ୱିପାକ୍ଷିକ ସମ୍ପର୍କର ସୁଦୃଢ଼ତାକୁ ପରିପ୍ରକାଶ କରୁଛି ।

ଅନ୍ୟପକ୍ଷରେ ବରିଷ୍ଠ ଅଧିକାରୀ କମିଟି ବୈଠକରେ ପୂର୍ବରୁ ମନ୍ତ୍ରୀସ୍ତରୀୟ ଆଲୋଚନାରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିଗୁଡ଼ିକ ଉପରେ କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କରାଯିବା ସହ ପରବର୍ତ୍ତୀ ବୈଠକ ପାଇଁ ପଦକ୍ଷେପ ସମ୍ପର୍କରେ ସୁପାରିଶ କରାଯାଇଛି ।

## ହକି

ଭୋପାଳଠାରେ ଗତକାଲି ସଂଧ୍ୟାରେ ଅନୁଷ୍ଠିତ ମହିଳା ଏସିଆ ହକି ଚାମ୍ପିୟନ୍ସ ଟ୍ରଫିର ଏକ ମ୍ୟାଚ୍‌ରେ ଭାରତ' ଜାପାନକୁ ୪-୦ ଗୋଲ୍‌ରେ ପରାସ୍ତ କରିଛି । ଭାରତ ପକ୍ଷରୁ ଦୀପିକା ୨ଟି ଗୋଲ୍ ଦେଇଥିବାବେଳେ ଲାଲରେମ-ସିଆମି ଓ ନେହା ଗୋଟିଏ ଲେଖାଏଁ ଗୋଲ୍ ଦେଇଛନ୍ତି । ନବନୀତ କୌର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଏହି ବିଜୟ ସହିତ ଭାରତୀୟ ମହିଳା ହକି ଦଳ ବିଶ୍ୱ ର‍ୟାଙ୍କିଙ୍ଗରେ ୪ ନମ୍ବରକୁ ଉନ୍ନୀତ ହୋଇଛି । ଆସନ୍ତାକାଲି ଅନୁଷ୍ଠିତ ହେବାକୁଥିବା ସେମିଫାଇନାଲରେ ଭାରତ ମାଲେସିଆକୁ ଭେଟିବ ।

## ବ୍ୟାଡମିଣ୍ଟନ

ସୟଦ ମୋଦୀ ଇଣ୍ଡିଆ ଇଣ୍ଟରନ୍ୟାସନାଲ **Super 300** ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳିମାନେ ବିଭିନ୍ନ ବର୍ଗର ପ୍ରାରମ୍ଭିକ ପର୍ଯ୍ୟାୟରେ ସଫଳ ପ୍ରଦର୍ଶନ କରିଛନ୍ତି । ମହିଳା ସିଙ୍ଗଲ୍ସ ବର୍ଗର ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନତି ହୁଦା, ଅସ୍ମିତା ଚାଲିହା, ତାନ୍‌ଭୀ ଶର୍ମା, ତାନିଆ ହେମନ୍ତ, ଇଶାରାଣୀ ବାରୁହା, ତାସ୍ନିମ ମିର୍ ଏବଂ ଅନ୍‌ମୋଲ ଖାର୍ବ ଉନ୍ନୀତ ହୋଇଛନ୍ତି ।

ସେହିଭଳି ପୁରୁଷ ସିଙ୍ଗିଲ୍ସ ବର୍ଗରେ ତୁଷାର ସୁଭୀର, ଶାସ୍ୱତ ଦଲାଲ, ରୌନତ ଚୌହ୍ୱାନ ଓ ପ୍ରଣୟ ସେଟିଗାର ପରବର୍ତ୍ତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ମିକ୍ସ ଡବଲ୍ସରେ ଧ୍ରୁବ କପିଳା ଓ ତାନିସା କ୍ରାଷ୍ଟୋଙ୍କ ଯୋଡ଼ି ଏବଂ ମହିଳା ଡବ୍ଲସ ବର୍ଗରେ ପୂର୍ବବର୍ଷର ଚାମ୍ପିୟନ ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି ।